# Visit of Minister of State for External Affairs Shri V. Muraleedharan to Ghana from 6-7 January 2021

January 07, 2021

## ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭି ମୁରଲୀଧରନଙ୍କ 6-7 ଜାନୁଆରୀ 2021 ରେ ଘାନା ଗସ୍ତ

**ଜାନୁଆରୀ 07, 2021**

7 ଜାନୁଆରୀ 2021 ରେ ଅନୁଷ୍ଠିତ ହେବାକୁଥିବା ଘାନାର ନବ ନିର୍ବାଚିତ ରାଷ୍ଟ୍ରପତି ମହାମହିମ ନାନା ଆଡୋ ଡଙ୍କୱା ଆକୁଫୋ-ଆଡୋଙ୍କ ଶପଥ ଗ୍ରହଣ ସମାରୋହରେ ଅଂଶଗ୍ରହଣ କରିବା ପାଇଁ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭି ମୁରଲୀଧରନ ସମ୍ପ୍ରତି ଆକ୍ରା ଗସ୍ତରେ ଅଛନ୍ତି। ଏହି ଗସ୍ତ ସମୟରେ ରାଷ୍ଟ୍ରମନ୍ତ୍ରୀ ଘାନାର ମାଲାୟାଲୀ ସଂଘର ସଦସ୍ୟମାନଙ୍କ ସହ ବାର୍ତ୍ତାଳାପ କରିଥିଲେ ଏବଂ ଉଚ୍ଚ ଆୟୁକ୍ତଙ୍କ ଦ୍ୱାରା ଆୟୋଜିତ ଏକ ଗୋଷ୍ଠୀ ସ୍ୱାଗତ ସମାରୋହରେ ଭାରତୀୟ ସମୁଦାୟକୁ ସମ୍ବୋଧିତ କରିଥିଲେ। 6 ଜାନୁଆରୀରେ ସେ ପ୍ରବାସୀ ଭାରତୀୟ ଦିବସ ଉତ୍ସବକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରମନ୍ତ୍ରୀ ଘାନାରେ ଭାରତୀୟ ଗୋଷ୍ଠୀ ମଞ୍ଚର ମଧ୍ୟ ଶୁଭାରମ୍ଭ କରିଥିଲେ। ଭାରତର ଉଚ୍ଚ ଆୟୁକ୍ତ ରାଷ୍ଟ୍ରମନ୍ତ୍ରୀଙ୍କ ସମ୍ମାନାର୍ଥେ ଏକ ରାତ୍ରୀ ଭୋଜନ ଆୟୋଜନ କରିଥିଲେ ଯେଉଁଠାରେ ଘାନାର ବରିଷ୍ଠ ମନ୍ତ୍ରୀ ତଥା ଗଣ୍ୟମାନ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। 7 ଜାନୁଆରୀ ରେ ରାଷ୍ଟ୍ରମନ୍ତ୍ରୀ ଘାନା ରାଷ୍ଟ୍ରପତିଙ୍କ ଶପଥ ଗ୍ରହଣ ସମାରୋହରେ ଭାଗ ନେବେ। ଏହି କାର୍ଯ୍ୟକ୍ରମ ପରେ ସେ ଘାନା ରାଷ୍ଟ୍ରପତିଙ୍କ ସହିତ ବିଭିନ୍ନ ଦ୍ୱିପାକ୍ଷିକ, ଆଞ୍ଚଳିକ ଏବଂ ଆନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ଆଲୋଚନା କରିବା ପାଇଁ ତାଙ୍କୁ ଭେଟିବେ। ଭାରତ ପ୍ରତ୍ୟାବର୍ତ୍ତନ ପୂର୍ବରୁ ସେ ଘାନା ଭାରତୀୟ ସମୁଦାୟର ପ୍ରତିନିଧିତ୍ୱ କରୁଥିବା ଏକ ସଙ୍ଗଠନ ଇଣ୍ଡିଆନ୍ ଆସୋସିଏସନ୍ ଅଫ୍ ଘାନା ସହିତ ବାର୍ତ୍ତାଳାପ କରିବେ।

2. ଭାରତ ଘାନା ସହିତ ଘନିଷ୍ଠ, ଉଷ୍ମ ଏବଂ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ବଜାୟ ରଖିଛି ଯାହା ପାରସ୍ପରିକ ବିଶ୍ୱାସ, ବିକାଶ ସହଭାଗୀତା ଏବଂ ଏକ ବୃହତ ପ୍ରବାସୀ ଭାରତୀୟ ସମୁଦାୟର ଉପସ୍ଥିତି ଦ୍ୱାରା ସୁଦୃଢ ହୋଇଛି। ନିକଟ ଅତୀତରେ ଘାନା ସହିତ ଭାରତର ଭାଗିଦାରୀ ବିଭିନ୍ନ କ୍ଷେତ୍ରରେ ତୀବ୍ର ହୋଇଛି। 12-14 ଜୁନ 2016 ରେ ଭାରତର ରାଷ୍ଟ୍ରପତିଙ୍କ ଘାନା ଗସ୍ତ, ମାର୍ଚ୍ଚ 2018 ରେ ଆନ୍ତର୍ଜାତୀୟ ସୌର ମେଣ୍ଟର ପ୍ରତିଷ୍ଠାତା ସମ୍ମିଳନୀ ପାଇଁ ରାଷ୍ଟ୍ରପତି ଆକୁଫୋ-ଆଡୋଙ୍କ ଭାରତ ଗସ୍ତ ଏବଂ ମାର୍ଚ୍ଚ 2019 ରେ 14 ତମ ସିଆଇଆଇ-ଏକ୍ସିମ ବ୍ୟାଙ୍କ କନକ୍ଲେଭ ପାଇଁ ଉପରାଷ୍ଟ୍ରପତି ଡକ୍ଟର ମାହାମୁଦୁ ବାୱୁମିଆଙ୍କ ଭାରତ ଗସ୍ତ ସମେତ ଦୁଇ ଦେଶ ମଧ୍ୟରେ ନିୟମିତ ଉଚ୍ଚ ସ୍ତରୀୟ ଗସ୍ତ ଜାରି ରହିଛି। ଭାରତ ଘାନାକୁ ପ୍ରାୟ 450 ମିଲିୟନ ଆମେରିକୀୟ ଡଲାର ଋଣ କୃଷି, ଜଳ, ପରିବହନ, ସଞ୍ଚାର ଲାଇନ, ଭିତ୍ତିଭୂମି ଇତ୍ୟାଦି କ୍ଷେତ୍ରରେ ପ୍ରଦାନ କରିଛି। ଏଥିସହ ଟେମା-ପକଡନ ରେଳ ଲାଇନ ନିର୍ମାଣ କାର୍ଯ୍ୟ ସମେତ ଅନେକ ଭିତ୍ତିଭୂମି ପ୍ରକଳ୍ପ ପାଇଁ ଘାନା ଭାରତଠାରୁ କ୍ରେତା ଋଣ ମଧ୍ୟ ପ୍ରାପ୍ତ କରିଛି। ଭାରତ ଜୁବିଲି ହାଉସ୍, ଘାନାର ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ଏବଂ ସୂଚନା ଓ ସଞ୍ଚାର ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତ-ଘାନା କୋଫି ଆନନ ଉତ୍କୃଷ୍ଟତା କେନ୍ଦ୍ର ସମେତ ଅନେକ ପ୍ରତିଷ୍ଠିତ ଅନୁଦାନ ପ୍ରକଳ୍ପ ହାତକୁ ନେଇଛି। ଭାରତୀୟ ବୈଷୟିକ ଏବଂ ଅର୍ଥନୈତିକ ସହଯୋଗ (ଆଇଟିଇସି) କାର୍ଯ୍ୟକ୍ରମ ଏବଂ ଆଇସିସିଆର ଶିକ୍ଷା ବୃତ୍ତି କାର୍ଯ୍ୟକ୍ରମର ଘାନା ମଧ୍ୟ ଏକ ପ୍ରମୁଖ ହିତାଧିକାରୀ। ଦ୍ୱିପାକ୍ଷିକ ବାଣିଜ୍ୟ 2018-19 ରେ 4.5 ବିଲିୟନ ଡ଼ଲାର ଏବଂ 2019-20 ରେ 2.4 ବିଲିୟନ ଡ଼ଲାର ଥିଲା। ଘାନାର ବୃହତ୍ତମ ନିବେଶକମାନଙ୍କ ମଧ୍ୟରେ ଭାରତ ଅନ୍ୟତମ। 1994 ରୁ 2019 ପର୍ଯ୍ୟନ୍ତ ଭାରତୀୟ କମ୍ପାନୀଗୁଡିକ 1.7 ବିଲିୟନ ଡଲାରରୁ ଅଧିକ ପୁଞ୍ଜି ଘାନା ଅର୍ଥନୀତିର ବିଭିନ୍ନ କ୍ଷେତ୍ରରେ 730 ଟି ପ୍ରକଳ୍ପରେ ବିନିଯୋଗ କରିଛନ୍ତି।

3. ରାଷ୍ଟ୍ରପତିଙ୍କ ଶପଥ ଗ୍ରହଣ ସମାରୋହରେ ରାଷ୍ଟ୍ରମନ୍ତ୍ରୀଙ୍କ ଅଂଶଗ୍ରହଣ ଘାନା ସହିତ ଆମର ଦ୍ୱିପାକ୍ଷିକ ସମ୍ପର୍କର ମହତ୍ତ୍ୱକୁ ଦର୍ଶାଏ। ଏହି ଗସ୍ତ ଆମର ଦ୍ୱିପାକ୍ଷିକ ସହଭାଗୀତାକୁ ଆହୁରି ଗତିଶୀଳ କରିବ ଏବଂ ଦୁଇ ଦେଶର ଲୋକଙ୍କ ମଧ୍ୟରେ ପାରସ୍ପରିକ ସଦ୍ଭାବ ବଢାଇବ ବୋଲି ଆଶା କରାଯାଉଛି।

**ଜାନୁଆରୀ 07, 2021**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.